## ଚିହ୍ନଟ ହେଲେ ୭୦ ସଂକ୍ରମିତ

**ଢେଙ୍କାନାଳ ଅଫିସ,:** ଢେଙ୍କାନାଳ ଜିଲାରୁ ଶନିବାର ୭୦ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪୮ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧୫, ହିନ୍ଦୋଳ ବ୍ଲକର ୧୫, ସଦର ବ୍ଲକର ୮, କାମାକ୍ଷାନଗର ବ୍ଲକର ୫ ଓ ଏନ୍ଏସିର ୭, ଓଡ଼ାପଡ଼ା ବ୍ଲକର ୫, ପରଜଙ୍ଗ ବ୍ଲକର ୫, ଗଁଦିଆ ବ୍ଲକର ୪, ଭୁବନ ବ୍ଲକର ୩, କଙ୍କାଡ଼ାହାଡ଼ ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୨ ଜଣ ରହିଛନ୍ତି। ଜିଲାର ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୬୫୨ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ଲୁହାପଥର ଚୋରା ଚାଲାଣ: ୩ ଟ୍ରକ୍ ଜବତ, ୬ ଗିରଫ

**ପାଲଲହଡ଼ା, ୧୭।୭(ଡି.ଏନ୍.ଏ.):** ପାଲଲହଡ଼ା ଥାନା ଡାଲୋ ଗ୍ରାମର ରାଜାମୁଣ୍ଡାରେ ବନ୍ଦ ପଡ଼ିଥିବା ମାହେଶ୍ୱରୀ ମିନେରାଲ କ୍ରଶରରେ ଗଚ୍ଛିତ ଲୁହାପଥର ଗୁଣ୍ଡକୁ ରାତିଅଧିଆ ଚୋରାଚାଲାଣ କରାଯାଉଥିବାବେଳେ ଶୁକ୍ରବାର ରାତିରେ ପୋଲିସ ଚଢ଼ାଉ କରି ୩ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲା ସାରଙ୍ଗଗଡ଼ର ଅଶ୍ୱିନୀ ମିଶ୍ର, ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ରାଜା ଡାକୁଆ, ବୃଷଭ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଭଞ୍ଜନଗର ଥାନା ଅଞ୍ଚଳର କର୍ଣ୍ଣ ସାମଲ ଏବଂ ପାଲଲହଡ଼ା ଥାନା ଅଞ୍ଚଳର ଆଶିଷ କୁମାର ସାମଲ। ଘଟଣାସ୍ଥଳରୁ ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଛି। ଏ ନେଇ ପାଲଲହଡ଼ା ଥାନାରେ ନଂ. ୧୭୯/୨୧ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କିଶୋର ସାମଲ ସୂଚନା ଦେଇଛନ୍ତି।

### ମେଡିସିନ୍ ଦୋକାନ, ହୋଟେଲ ସିଲ୍




**ଅନୁଗୋଳ ଅଫିସ,୧୭।୭:** କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଶନିବାର ଅନୁଗୋଳ ବସ୍ଷ୍ଟାଣ୍ଡ ନିକଟବର୍ତ୍ତୀ ସୀତାରାମ ମେଡିସିନ୍ ଷ୍ଟୋର ଏବଂ ଏକ ହୋଟେଲକୁ ପୌର ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ପୂର୍ବାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସହର ପରିକ୍ରମା କରୁଥିବାବେଳେ ଉକ୍ତ ମେଡିସିନ ଦୋକାନ ଏବଂ ହୋଟେଲରେ ଅସମ୍ଭାଳ ଭିଡ଼ ହୋଇଥିଲା। ଏହାପରେ ସେ ଘଟଣାସ୍ଥଳକୁ ଯାଇ କାହିଁକି ଗହଳି ହୋଇଛି ବୋଲି କୈଫିୟତ ମାଗିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ପୌରପାଳିକା ପକ୍ଷରୁ ଦୁଇ ଦୋକାନକୁ ୭ଦିନ ପାଇଁ ସିଲ୍ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।

### ଅଗଷ୍ଟ ୨୯ରେ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

**ଢେଙ୍କାନାଳ ଅଫିସ, ୧୭।୭:** ଢେଙ୍କାନାଳ ଜିଲା ଓଷ୍ଟା ସଂଘର କାର୍ଯ୍ୟକାରିଣୀ ବୈଠକ ସଂଘର କାର୍ଯ୍ୟାଳୟଠାରେ ସଭାପତି ଅମ୍ବରୀଶ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବାରୁ ଅଗଷ୍ଟ ୨୯ରେ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଜିଲା ସମ୍ପାଦକ ବିଭୂତି ଭୂଷଣ ସାମଲ ଶିକ୍ଷକ, କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଓଷ୍ଟାର ସଭ୍ୟପଦ ନିମନ୍ତେ ବ୍ଲକ ସମ୍ପାଦକଙ୍କୁ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ନିବେଦନ କରାଯାଇଛି। ଜିଲା ସଂଘ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ, ଉପଦେଷ୍ଟା ସରୋଜକାନ୍ତ ଦାସ, ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ, ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବାହାରିଲେ ୮୯ ପଜିଟିଭ

**ଅନୁଗୋଳ ଅଫିସ, ୧୭।୭:** ଅନୁଗୋଳ ଜିଲାରୁ ଶନିବାର ୮୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କିଶୋରନଗର ବ୍ଲକରୁ ସର୍ବାଧିକ ୧୪ ଜଣ ରହିଛନ୍ତି। ସେହିପରି ଦିନକରେ ୮୨ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିବା ପରେ ଜିଲାର ମୋଟ୍ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ୧୯୮ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଏସ୍‌ୟୁସିଆଇ ରାଜ୍ୟ ସମ୍ପାଦକଙ୍କ ବିୟୋଗରେ ସ୍ମୃତିସଭା

**ଅନୁଗୋଳ ଅଫିସ, ୧୭।୭:** ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ଧୂର୍ଜଟୀ ଦାସଙ୍କ ପରଲୋକରେ ଅନୁଗୋଳ ଆଞ୍ଚଳିକ କମ୍ୟୁନିଷ୍ଟ କମିଟି ପକ୍ଷରୁ ଶନିବାର ପାର୍ଟି କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କମିଟିର ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଦିବଂଗତ ଆତ୍ମାର ସ୍ମୃତିଚାରଣ କରାଯାଇଥିଲା। ରାଜ୍ୟ କମିଟି ସଭ୍ୟ ଭିକାରୀ ପ୍ରଧାନ, ନିରାକାର ପଣ୍ଡା, କେଦାର ମହାନ୍ତି, ପ୍ରମୋଦ ପ୍ରଧାନ, ବିଷ୍ଣୁ ସାହୁ, ନିରନ ନାୟକ, ଜ୍ୟୋତ୍ସ୍ନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାହ୍ମଣୀକୁ ଲୁଟୁଛନ୍ତି ବାଲିମାଫିଆ



- ନିଲାମ ଘାଟକୁ ମିଳୁନି ପରିବେଶ ମଞ୍ଜୁରୀ
- ଚଢ଼ାଦରରେ କିଣୁଛନ୍ତି ବାହାର ବ୍ୟବସାୟୀ
- ପ୍ରଶାସନ ନୀରବ, ବଢ଼ୁଛି ଚୋରା ଚାଲାଣ

**ବିପିନ ବିହାରୀ ସେଠୀ**
**ଭୁବନ, ୧୭।୭**

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳ ଦେଇ ପ୍ରବାହିତ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀର ବିସ୍ତୀର୍ଣ୍ଣ ଶଯ୍ୟା ପାଲଟିଛି ବାଲିମାଫିଆଙ୍କ ଭୂସ୍ୱର୍ଗ। ପରିବେଶ ମଞ୍ଜୁରୀ ମିଳୁ ନ ଥିବାରୁ ଅନେକ ବାଲିଘାଟ କାର୍ଯ୍ୟକ୍ଷମ ହୋଇପାରୁନାହିଁ, ଯାହାର ସୁଯୋଗ ନେଉଛନ୍ତି ଅସାଧୁ ବ୍ୟବସାୟୀ। କେବଳ ବ୍ରାହ୍ମଣୀ ନୁହେଁ, ରଙ୍ଗମାଟିଆ, ରାମିଆଳ ଏବଂ ଡମଶାଳ ଭଳି କ୍ଷୁଦ୍ର ନଦୀ ମଧ୍ୟ ବାଲି ଚୋରା ଚାଲାଣର ନୂଆ ଠିକଣା ପାଲଟିଛି। ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ପାଇଁ ଲଘୁଖଣିଜ ଚୋରାଚାଲାଣ ରୋକାଯାଇ ପାରୁ ନ ଥିବାବେଳେ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି।

ବିଭାଗୀୟ ସୂଚନା ଅନୁଯାୟୀ, ଭୁବନ ତହସିଲ ଅଧୀନରେ ଥିବା ୧୧ ବାଲିଘାଟ ମଧ୍ୟରୁ ୧୦ଟିର ନିଲାମ ଶେଷ ହୋଇଛି। ସେଗୁଡ଼ିକ ମଧ୍ୟରେ ରହିଛି ପୁରୁଷୋତ୍ତମପୁର, ସୁଲେଇପାଳକୁଦ,



କଣପାଳ-ମହୁଲପାଳ, ଜୟପୁର, ଗୋବିନ୍ଦପୁର, ମାର୍ଥାପୁର, ମାର୍ଥାପୁର କ୍ୱାରୀ (୧), ଓଡ଼ିଶ, ଅସୁରବନ୍ଧ, ଛାଟଖମ୍ଭ। କିଙ୍ଗୋଳ ବାଲିଘାଟ ନିଲାମ ହୋଇନାହିଁ। ହେବେ ସମ୍ପୃକ୍ତ ୧୦ ବାଲିଘାଟ ନିଲାମଧାରୀଙ୍କ ମଧ୍ୟରୁ ୫ଜଣ ପରିବେଶ ମଞ୍ଜୁରୀ ପ୍ରମାଣପତ୍ର ଦାଖଲ କରିନାହାନ୍ତି। ଫଳରେ ପୁରୁଷୋତ୍ତମପୁର, ସୁଲେଇପାଳ, କହ୍ନେଇପାଳ, ମାର୍ଥାପୁର ଏବଂ ଜୟପୁର ଘାଟ ନିଲାମ ହୋଇଥିଲେ ମଧ୍ୟ ବାଲି ଉଠାଇବା ସମ୍ଭବପର ହେଉନାହିଁ।

କରୋନା ମହାମାରୀ ମଧ୍ୟରେ ବ୍ଲକ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ସରକାରୀ କୋଠାବାଡ଼ି ନିର୍ମାଣ, ରାସ୍ତା, ଆବାସ ଗୃହ, ଜାତୀୟ ରାଜପଥ, ରେଳ ଧାରଣା ବିଛାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏସବୁ କାର୍ଯ୍ୟରେ ବ୍ୟାପକ ପରିମାଣର ବାଲି ଆବଶ୍ୟକ ପଡୁଛି। ହେଲେ ବାଲିଘାଟ ନିଲାମ ହୋଇ ନ ଥିବାରୁ ମାଫିଆମାନେ ଏହାର ସୁଯୋଗ ନେଉଛନ୍ତି। ସେମାନେ ରାତିଅଧିଆ ଜେସିବି ଲଗାଇ ଭାରିଯାନ ସହାୟତାରେ ଦିନରାତି ବାଲି ଚୋରାଚାଲାଣ କରୁଛନ୍ତି। ଏପରି କି ନିଲାମ ସ୍ଥାନକୁ ବାଦ୍‌ଦେଲେ ଅନ୍ୟ ଅନ୍ୟ ଜାଗାରୁ ମଧ୍ୟ ବେଆଇନ ଭାବେ ବାଲି ଉଠାଣ ଜାରିରହିଛି। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶାସନକୁ ଅବଗତ କରାଇବା ପରେ ଚଢ଼ାଉ କରାଯାଉଛି ସତ, ହେଲେ ଅଧିକାଂଶ ସମୟରେ ବାଲି ଚାଲାଣକାରୀ ଖସିଯାଉଛନ୍ତି। ପୋଲିସ, ତହସିଲ ପ୍ରଶାସନର କେତେଜଣ ତଳିଆ କର୍ମଚାରୀଙ୍କ ସହିତ ବାଲି ମାଫିଆଙ୍କ ଅସାଧୁମେଣ୍ଟ ଯୋଗୁ ଏଭଳି କାରବାର ବଢ଼ିବାରେ ଲାଗିଛି। ବିଭାଗୀୟ ଅଧିକାରୀ ଏହାକୁ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନେଉ ନ ଥିବାରୁ ବହୁ କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଅନ୍ୟପଟେ ପଡ଼ୋଶୀ ଯାଜପୁର, କେନ୍ଦୁଝର ଜିଲାର ବାଲି ମାଫିଆମାନେ ଏବେ ଭୁବନ ଅଞ୍ଚଳର ନଦୀଘାଟ ଉପରେ ଆଖି ପକାଇଲେଣି। ସେମାନେ ଚଢ଼ା ଦରରେ ଘାଟ ନିକଟରୁ ବାଲି କିଣି ନେଉଛନ୍ତି। ତେଣୁ ଅଞ୍ଚଳରେ ବାଲିର ଦାମ ଅହେତୁକ ଭାବେ ବୃଦ୍ଧିପାଇଥିବା ଅଞ୍ଚଳବାସୀ କହିଛନ୍ତି।

### ଜରିମାନା ଆଦାୟ କମୁଛି

ଭୁବନ ତହସିଲରେ ବାଲି ଚୋରାଚାଲାଣ ବଢ଼ୁଥିବାବେଳେ ଜରିମାନା ଆଦାୟ ପରିମାଣ କମିବାରେ ଲାଗିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଧରାପଡ଼ିଥିବା ବାଲି ଚୋରାଚାଲାଣ ମାମଲାରେ ୨୧ ଲକ୍ଷ ୧୩ ହଜାର ୮୫୯ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷର ମାର୍ଚ୍ଚ ୩୧ ସୁଦ୍ଧା ମାତ୍ର ୨ ଲକ୍ଷ ୭୦ ହଜାର ୯୫୫ ଟଙ୍କା ଜରିମାନା ଆଦାୟ ହୋଇଛି। ଏଥିରୁ ପ୍ରଶାସନିକ ଚଢ଼ାଉର ଶିଥିଳତା ପଦାରେ ପଡ଼ିଛି। ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଚଢ଼ାଉ ଜୋରଦାର କରିବାକୁ ସାଧାରଣରେ ଦାବି ହେଉଛି।

### ଚଢ଼ାଉ ପାଇଁ ଗଠନ ହେବ ସ୍ୱତନ୍ତ୍ର ଟିମ୍



ବାଲି ଚୋରାଚାଲାଣ ରୋକିବା ଲାଗି ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ନିଲାମଧାରୀ ଠିକାଦାର ପରିବେଶ ମଞ୍ଜୁରୀ ପ୍ରମାଣପତ୍ର, ଅମାନତ ଅର୍ଥ ନିୟମ ଅନୁଯାୟୀ ଜମା କରିବା ପରେ ବାଲି ଉଠାଇବା ଲାଗି ଅନୁମତି ପ୍ରଦାନ କରାଯିବ।
-ପ୍ରଭାସ କୁମାର ବେଉରିଆ, ତହସିଲଦାର

### ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା



ପୂର୍ବରୁ ବାଲି ସୁବିଧାରେ ଏବଂ କମ୍ ଦାମରେ ମିଳୁଥିଲା। ବାଲିଘାଟ ନିଲାମ ହେବାପରେ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ପୂର୍ବାପେକ୍ଷା ଚଢ଼ାଦରରେ ବାଲି ବିକ୍ରି ହେଉଛି। ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ପାଲଟିଛନ୍ତି। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ।
-ସୁରେନ୍ଦ୍ର କୁମାର ପୃଷ୍ଟି, ବୁଦ୍ଧିଜୀବୀ

### ବାହାର ଜିଲାର ବ୍ୟବସାୟୀ ପଶିଲେଣି



ଅଞ୍ଚଳର ବାଲିଘାଟ ଉପରେ ବାହାର ଜିଲାର ବ୍ୟବସାୟୀ ଆଖି ପକାଇଲେଣି। ସେମାନଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ନିଲାମ ସ୍ଥାନ ଛାଡ଼ି ଅନ୍ୟ ଜାଗାରୁ ବାଲି ଉଠାଯାଉଛି। ଚୋରା ଚାଲାଣକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଭିତରେ ଅସାଧୁ ମେଣ୍ଟ ହୋଇଛି।
-କପିଳ ସାହୁ, ଅଞ୍ଚଳବାସୀ

## ଜିଲାରେ ୧୦୭ ସାନି ମାଟ୍ରିକ୍ ପରୀକ୍ଷାର୍ଥୀ

### ୩ କେନ୍ଦ୍ରରେ ପରୀକ୍ଷା

**ଅନୁଗୋଳ ଅଫିସ, ୧୭।୭**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ପକ୍ଷରୁ ଅସନ୍ତୁଷ୍ଟ ମାଟ୍ରିକ ପରୀକ୍ଷାର୍ଥୀଙ୍କ ଲାଗି ପୁନଃ ପରୀକ୍ଷା କରାଯିବା ଲାଗି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅନୁଗୋଳ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାର ୧୦୭ ମାଟ୍ରିକ ପରୀକ୍ଷାର୍ଥୀ ସାନି ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରେ ୭୦ ରେଗୁଲାର ଏବଂ ୩୭ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ସେହିପରି କରେସପଣ୍ଡେଣ୍ଟ କୋର୍ସରେ ୧୫୪ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ଅନ୍ୟ ୫୨୧ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିଲାଗି ଜିଲା ସଦର ମହକୁମା, କଣିହାଁ ଏବଂ କିଶୋରନଗର ବ୍ଲକରେ ୩ଟି ପରୀକ୍ଷା କେନ୍ଦ୍ର କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ଜିଲାରେ ୧୮ ହଜାର ୯୯୬ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ଲାଗି ଫର୍ମ ଫିଲପ୍ କରିଥିଲେ। ସେମାନଙ୍କ ମଧ୍ୟରେ ୧୭ ହଜାର ୨୮୦ ରେଗୁଲାର, ୧ ହଜାର ୫୨୭ ଏକ୍ସ-ରେଗୁଲାର, ୧୮୯ କରେସପଣ୍ଡେଣ୍ଟ, ୬୫୪ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ରହିଥିଲେ। ତେବେ କରୋନା ପାଇଁ ପରୀକ୍ଷା ସମ୍ଭବପର ହୋଇ ପାରି ନ ଥିଲା। ପୂର୍ବ ପ୍ରଦର୍ଶନ ଅନୁଯାୟୀ ମୂଲ୍ୟାୟନ କରାଯାଇଥିଲା। ରେଗୁଲାରରେ ଜିଲାରେ ୯୮%, ଏକ୍ସ-ରେଗୁଲାରରେ ୮୮.୩୩% ଛାତ୍ରୀଛାତ୍ର ପାସ୍ କରିଥିଲେ।

# ଜିଲାରେ ୮୨ ପ୍ରଜାତିର ସାପ




ବିଶ୍ୱ ସର୍ପ ଦିବସ ଉପଲକ୍ଷେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆୱାର୍ଡ ପରିବାରର ସଦସ୍ୟମାନେ।

### ଆୱାର୍ଡ ପକ୍ଷରୁ ବିଶ୍ୱ ସର୍ପ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୧୭।୭**

ଢେଙ୍କାନାଳ ଜିଲାରେ ୮୨ ପ୍ରଜାତିର ସାପ ଦେଖାଯାଆନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୮ ପ୍ରଜାତି ବିଷଧର। ସାପ କାମୁଡ଼ିଲେ ଗୁଣିଗାରେଡ଼ିକୁ ବିଶ୍ୱାସ ନ କରି ତୁରନ୍ତ ରୋଗୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇଲେ ମୃତ୍ୟୁମୁଖରୁ ଜୀବନ ବଞ୍ଚିଯିବ। ହିନ୍ଦୋଳ ବ୍ଲକ ବହଣ୍ଡେଇ ଗ୍ରାମରେ 'ଆୱାର୍ଡ' ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଆୟୋଜିତ 'ସର୍ପ ଦିବସ' ପାଳନ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ଏଭଳି ସଚେତନ ବାର୍ତ୍ତା ପ୍ରଦାନ କରାଯାଇଛି।

ପରିବେଶ ସନ୍ତୁଳନରେ ସାପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଢେଙ୍କାନାଳ ଜିଲାରେ ସଚେତନତା ଅଭାବରୁ ପ୍ରତିବର୍ଷ ସାପକାମୁଡ଼ାରେ ଅନେକ ଜୀବନ ଚାଲିଯାଉଛି। କେବଳ ଡାକ୍ତରଖାନାରେ ଏହାର ଚିକିତ୍ସା ସମ୍ଭବ। ସାପ କାମୁଡ଼ାରେ ମୃତକଙ୍କୁ ସରକାରଙ୍କ ତରଫରୁ ୪ଲକ୍ଷ ଟଙ୍କା, ୬୦%ରୁ ଅଧିକ ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହୋଇଥିଲେ ୨ଲକ୍ଷ ଟଙ୍କା, ୬୦% ରୁ କମ୍ ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହୋଇଥିଲେ ୯୦ ହଜାର ଟଙ୍କା, ୭ ଦିନରୁ ଅଧିକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ବ୍ୟକ୍ତିଙ୍କୁ ୧୨ହଜାର ଟଙ୍କା ଏବଂ ୭ ଦିନରୁ କମ୍ ଚିକିତ୍ସିତ ହୋଇଥିବା ବ୍ୟକ୍ତିଙ୍କୁ ୪ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ଆୱାର୍ଡ ପରିବାର ସଦସ୍ୟ ଏବଂ ଡାକ୍ତରଖାନା ସହଯୋଗରେ ଅଦ୍ୟାବଧି ୧୦୦ରୁ ଊର୍ଦ୍ଧ୍ୱ ସାପକାମୁଡା ରୋଗୀଙ୍କର ଜୀବନ ରକ୍ଷା କରାଯାଇଛି ବୋଲି ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସୂଚନା ଦେଇଥିଲେ। ଗୁଣିଗାରେଡି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଆଗତ ହୋଇଛି। ଅନୁଷ୍ଠାନ ସଭାପତି ଦିବ୍ୟରଞ୍ଜନ ହୋତା, ଇଂ. ସୌମ୍ୟଜିତ୍ ରଥ, ରମାକାନ୍ତ ସାହୁ, ବିପିନ ବିହାରୀ ନାଏକ, ଦିଲୀପ ବିଶ୍ୱାଳ, ତରଣୀ ନାଏକ, ସୂର୍ଯ୍ୟକାନ୍ତ ବେହେରା, ଶିଶିରକାନ୍ତ ସାହୁ ପ୍ରମୁଖ ବହୁ ଗ୍ରାମବାସୀ ଯୋଗଦେଇଥିଲେ।

## ପୌରପାଳିକାରେ ସାମିଲ ହେବେ ୨ ପଞ୍ଚାୟତର ଅଂଶ

**ଅନୁଗୋଳ ଅଫିସ, ୧୭।୭**

ଅନୁଗୋଳର ରାଣୀଗୁଡ଼ା ପଞ୍ଚାୟତର ଶିକ୍ଷକପଡ଼ା ଏବଂ ତୁରଙ୍ଗ ପଞ୍ଚାୟତ ଗୀତାଗ୍ରାମର କିଛି ଅଂଶ ପୌରପାଳିକାରେ ମିଶ୍ରଣ ହେବ। ଏ ନେଇ ପୌରପାଳିକା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ୨୦୦୦ ମସିହା ପୂର୍ବରୁ ଜିଲା ପ୍ରଶାସନ ଜରିଆରେ ସମ୍ପୃକ୍ତ ଅଞ୍ଚଳବାସୀ ସରକାରଙ୍କୁ ଏ ନେଇ ପ୍ରସ୍ତାବ ଦେଇଥିଲେ। ଏହାପରେ ସରକାର ୯ ପଏଣ୍ଟ ଉପରେ ତଥ୍ୟ ମାଗିଥିଲେ। ଏହା ଉପରେ ବିଚାର କରାଯିବା ପରେ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କୁହନ୍ତି, ଶିକ୍ଷକପଡ଼ା ଓ ଗୀତାଗ୍ରାମର କିଛି ଅଂଶ ପୌରପାଳିକାରେ ମିଶିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ତେବେ ୱାର୍ଡସଂଖ୍ୟା ବୃଦ୍ଧି ପାଇବ କି ନାହିଁ, ତାହା ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରୁଛି ବୋଲି ସେ ସୂଚନା ଦେଇଛନ୍ତି।

## ଦୁର୍ଗମ ଅଞ୍ଚଳରେ 'ଦମନ'

**ଢେଙ୍କାନାଳ ଅଫିସ, ୧୭।୭**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଦୁର୍ଗମ ଏକୁଲ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ନିରାକରଣ ଅଭିଯାନ 'ଦମନ' ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ କରୋନା, ଡେଙ୍ଗୁ, ମ୍ୟାଲେରିଆ ଭଳି ସଂକ୍ରାମକ ରୋଗର କାରଣ, ନିରାକରଣ ବିଷୟରେ ସଚେତନ କରାଯାଇଥିଲା। ଔଷଧ ଉପଚାରିତ ମଶାରି ବ୍ୟବହାର କରିବାକୁ ପରାମର୍ଶ ଦିଆଯିବା ସହିତ ଗର୍ଭବତୀ, ପ୍ରସୂତି, ଶିଶୁଙ୍କ ମ୍ୟାଲେରିଆ ପରୀକ୍ଷା କରାଯାଇଥିଲା। ୨୦୨୧ରେ ଜିଲାର ସମସ୍ତ ବ୍ଲକରେ ୩୦ଟି ସ୍ୱାସ୍ଥ୍ୟ ଶିବିର କରିବା ଲାଗି ସରକାରଙ୍କ ନିର୍ଦ୍ଦେଶ ରହିଛି। ଦୁର୍ଗମ ମ୍ୟାଲେରିଆପ୍ରବଣ ଅଞ୍ଚଳରେ ଏହାର ଆୟୋଜନ କରାଯାଉଥିବା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସୂଚନା ଦେଇଛନ୍ତି।

ଆରୋଗ୍ୟ ପ୍ଲସ୍ ଡାକ୍ତର ଅଜିତ ମେହେର, ଫାର୍ମାସିଷ୍ଟ ବିକାଶ ଚନ୍ଦ୍ର ପତି, ସ୍ୱାସ୍ଥ୍ୟକର୍ମୀ ପିଙ୍କି ବିଶ୍ୱାଳ, ବୀରାଶାଳ ସ୍ୱାସ୍ଥ୍ୟକେନ୍ଦ୍ରର ସୁଶାନ୍ତ ପ୍ରଧାନ, ମମତାମୟୀ ମହାପାତ୍ର, ଦୀନବନ୍ଧୁ ସିଂ, ଅନନ୍ତ ଚରଣ ବେହେରା, ପବିତ୍ର ମୋହନ ପ୍ରଧାନ, ଅନାଦି ଚରଣ ପ୍ରଧାନ, ମାମାଲି ନାଏକ, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।




ଏକୁଲ ଗ୍ରାମରେ ମ୍ୟାଲେରିଆ ନିରାକରଣ ଅଭିଯାନ।

# ପେଟ୍ରୋଲ ବିକିଲା କଂଗ୍ରେସ

**ଢେଙ୍କାନାଳ ଅଫିସ/ ଅନୁଗୋଳ ଅଫିସ୍,୧୭।୭**

ତୈଳ, ରନ୍ଧନଗ୍ୟାସ୍ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଢେଙ୍କାନାଳ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ଜନପ୍ରତିକ୍ରିୟା ସଂଗ୍ରହ କରାଯାଇଥିଲା। ଦଳୀୟ କର୍ମକର୍ତ୍ତାମାନେ ପ୍ରତୀକାତ୍ମକ ଭାବେ ୮୦ ଟଙ୍କାରେ ପେଟ୍ରୋଲ ବିକିଥିଲେ। ପ୍ରଦେଶ କଂଗ୍ରେସ ଛାତ୍ର ସଭାପତି ୟାସିର ନୱାଜ, ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ପ୍ରଭାରୀ ଅନୁଲେଖା ବୋସା, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଗାନ୍ଧୀ ଭବନ ପରିସରରେ ଜିଲା ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଟାଉନ କଂଗ୍ରେସ ସଭାପତି ହାଇଦର ମହମ୍ମଦ, ଅମର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଅନୁଗୋଳ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ମଙ୍ଗତୁରାମ ପେଟ୍ରୋଲ ଟାଙ୍କି ସମ୍ମୁଖରେ ଦଳୀୟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଣିହାଁରେ ଯୁବନେତା ସୁଶାନ୍ତ ଶଶିକାନ୍ତ ସାମଲଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଢେଙ୍କାନାଳ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଗ୍ରାହକଙ୍କୁ ପେଟ୍ରୋଲ ବିକ୍ରି କରାଯାଉଛି।

# ପାଇପ୍ ପାଇଁ ୩୦ ପରିବାର ଗୃହବନ୍ଦୀ

- ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ନୀତି
- ବର୍ଷାଦିନେ ଖୋଳିପକାଇଲେ ରାସ୍ତା
- ଘର ଆଗରେ ଗଦା ହୋଇଛି ମାଟି
- କାଦୁଆ ରାସ୍ତାରେ କଲବଲ ଲୋକେ

**କାମାକ୍ଷାନଗର, ୧୭।୭(ଡି.ଏନ୍.ଏ.)**

ଜନସ୍ୱାସ୍ଥ୍ୟ ବିଭାଗର ଦୂରଦୃଷ୍ଟିବିହୀନ ପଦକ୍ଷେପ ଲାଗି ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସି ଅନ୍ତର୍ଗତ ଝୁମ୍ପାଣ ପୋଖରୀ ନିକଟ ୟୁକୋ ବ୍ୟାଙ୍କ ଗଳି ରାସ୍ତାର ୩୦ ପରିବାର ଗୃହବନ୍ଦୀ ଜୀବନ ବିତାଉଛନ୍ତି। ପାଇପ୍ ବିଛାଇବା ପାଇଁ ବିଭାଗ ପକ୍ଷରୁ ଜେସିବି ଲଗାଇ ଖୋଳାଯାଇଥିବା ମାଟି ଲୋକଙ୍କ ଘର ଆଗରେ ଗଦା କରି ରଖାଯାଇଛି। ବର୍ଷାରେ ଉକ୍ତ ରାସ୍ତା କାଦୁଅରେ ଭର୍ତ୍ତି ହୋଇଯାଇଥିବାବେଳେ ଲୋକମାନେ ପଦାକୁ ବାହାରି ପାରୁନାହାନ୍ତି। ରାସ୍ତାରେ ଗାଡ଼ି ଆସିବା ତ ଦୂରର କଥା, ଖାଲି ପାଦରେ ଚାଲିକରି ଯିବା କଷ୍ଟକର ହୋଇପଡୁଛି। ଅଞ୍ଚଳର ସାମାଜିକ କର୍ମୀ ଜୟକୃଷ୍ଣ ବେହେରା କଦର୍ଯ୍ୟ ହୋଇ ପଡ଼ିଥିବା କାଦୁଆ ରାସ୍ତାର ଫଟୋଚିତ୍ର ଏବଂ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଡାକଯୋଗେ ଅଭିଯୋଗପତ୍ର ପଠାଇଛନ୍ତି।

ଅଞ୍ଚଳବାସୀଙ୍କ କହିବା କଥା, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ଜୁଲାଇ ୧୨ରେ ଅଞ୍ଚଳରେ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜେସିବି ସହାୟତାରେ ଖୋଳାଯାଇଥିବା ମାଟି ଲୋକଙ୍କ ଘର



ସାହିକୁ ସଂଯୋଗ କରୁଥିବା ରାସ୍ତା କାଦୁଅରେ ଭର୍ତ୍ତି ହୋଇ ଶୋଚନୀୟ ହୋଇପଡ଼ିଛି।

ଆଗରେ ଗଦା କରି ରଖାଯାଇଥିଲା। ବର୍ଷା ହେବାରୁ ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ଭର୍ତ୍ତି ହୋଇଛି। ଉକ୍ତ କାମ ଏପ୍ରିଲ-ମେ ମାସ ପୂର୍ବରୁ କରିବା କଥା। ହେଲେ ବର୍ଷା ଦିନେ ତରବରିଆ ଭାବେ କରାଯାଉଛି। ଫଳରେ ଲୋକମାନେ ଘରୁ ଗାଡ଼ି ବାହାର କରିପାରୁନାହାନ୍ତି। ଯେଉଁମାନେ ଗାଡ଼ି ବାହାର କରିଛନ୍ତି, ସେମାନେ ଘରକୁ ଗାଡ଼ି ଆଣି ନ ପାରି ଏଣେତେଣେ ରଖିବାକୁ ବାଧ୍ୟ ହେଉଛନ୍ତି। ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବା ପରେ ଶୁକ୍ରବାର ଖୋଳା ଯାଇଥିବା ଗାତରେ ପାଇପ ବିଛାଇ ଜେସିବି ସହାୟତାରେ ମାଟି ପକାଇ ଦିଆଯାଇଛି। ହେଲେ ସମ୍ପୂର୍ଣ୍ଣ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଖୋଳାଯାଇଥିବା ଗାତରେ ପାଇପ ବିଛାଯିବା ସମୟରେ ବାଲି ପକାଇବା ନିୟମ ରହିଥିଲେ ମଧ୍ୟ ବ୍ୟତିକ୍ରମ ହୋଇଛି।

ଏ ନେଇ ସାମାଜିକ କର୍ମୀ ଜୟକୃଷ୍ଣ କୁହନ୍ତି, ଘରେ ଗର୍ଭବତୀ ବୋହୂ ଅଛନ୍ତି। ପ୍ରସବ ସମୟ ପାଖେଇ ଆସିଲାଣି। ହେଲେ କଦର୍ଯ୍ୟ ରାସ୍ତା ଏବଂ ମାଟି ଗଦା ହୋଇ ରହିଥିବାରୁ ଘରୁ ଗାଡ଼ି ବାହାର କରିବା ଅସମ୍ଭବ। ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ସେ ୩ ଦିନ ହେଲା ଗାଡ଼ି ଭଡ଼ା କରି ଡାକ୍ତରଖାନା ଯାଉଛନ୍ତି। ଏ ସଂକ୍ରାନ୍ତରେ ସେ ବିଭାଗୀୟ ଅଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଡାକଯୋଗେ ଅଭିଯୋଗପତ୍ର ପଠାଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ସାହୁ କୁହନ୍ତି, ପାଇପ୍ ବିଛାଯିବା ପାଇଁ ରାସ୍ତା ଖୋଳାଯାଇଥିଲା। ଲୋକଙ୍କ ଅଭିଯୋଗ ମିଳିବା ପରେ ବିଛା ଯାଇଥିବା ପାଇପ୍ ଗାତକୁ ମାଟି ପକାଇ ପୂରଣ କରିଦିଆଯାଇଛି। ଲୋକମାନେ ଯେପରି ଆଗକୁ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିଲାଗି ଦୃଷ୍ଟି ଦେବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

